ଧରିତ୍ରୀ DHARITRI
ଶନିବାର, ୧୩ ନଭେମ୍ବର, ୨୦୨୧



## ସଂକ୍ଷେପରେ

### ସୁପ୍ତ ପ୍ରତିଭାକୁ ଜାଗ୍ରତ କରିବ 'ସୁରଭି'

**ଢେଙ୍କାନାଳ ଅଫିସ, ୧୨।୧୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏବିଇଓ ସଂସାର ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତି ଦେହୁରୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ମଧରେ ଦକ୍ଷତା ଭରିରହିଛି। ସୁପ୍ତ ପ୍ରତିଭାକୁ ଜାଗ୍ରତ କରାଇବା ସୁରଭି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ। ଏବିଇଓ ଜ୍ୟୋତିର୍ମୟୀ ନାଥ, ସନ୍ଧ୍ୟାରାଣୀ ସ୍ୱାଇଁ ଶିଶୁ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ସାହୁ ମଞ୍ଚ ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଦ୍ୟାଧର ପରିଡ଼ା, ଅର୍ଜୁନ ଚରଣ ସେଠୀ, ତ୍ରିଲୋଚନ ମଲ୍ଲିକ, ଗୋପାଳକୃଷ୍ଣ ନାୟକ, ପୃଥ୍ୱୀରାଜ ନାୟକ, ବଳରାମ ବେହେରା, ଗୌରହରି ଭୋଇ, ଅଭୟ ସାହୁ, ଛାୟା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଫାଇନାଲ୍‌ରେ ମା' ମଙ୍ଗଳା ଫୁଟ୍‌ବଲ କ୍ଲବ

**ଢେଙ୍କାନାଳ ଅଫିସ, ୧୨।୧୧:** ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍ ଚାଲିଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ୍ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ତାଳବରକୋଟ ଚାନ୍ଦ କ୍ଲବକୁ ୨-୧ ଗୋଲ୍‌ରେ ହରାଇ ବନମାଳୀପ୍ରସାଦ ମା' ମଙ୍ଗଳା ଫୁଟ୍‌ବଲ କ୍ଲବ ଫାଇନାଲ୍‌ରେ ପ୍ରବେଶ କରିଛି। ବିଜୟୀ ଦଳର ସୁଶାନ୍ତ ପ୍ରଧାନ, ଅନିଲ ରାଉତ ଗୋଟିଏ ଲେଖାଏ ଏବଂ ବିପକ୍ଷ ଦଳର ଇମ୍‌ରାନ ଖାଁ ଗୋଟିଏ ଗୋଲ୍ ଦେଇଥିଲେ। ଅନିଲ ନନ୍ଦ, ଦେବରାଜ ସ୍ୱାଇଁ, ଅରୁଣ ନାୟକ, ଅଭିଜିତ ମିଶ୍ର, ପର୍ଶୁରାମ ମିଶ୍ର ଖେଳ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ରାମଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଦିବାକର ପ୍ରଧାନ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୫ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧୨।୧୧:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧରେ ହିନ୍ଦୋଳ ଏନ୍‌ଏସିରୁ ୨ ଏବଂ ବ୍ଲକରୁ ୨, ଓଡ଼ାପଡ଼ାରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୯୦୮ରେ ପହଞ୍ଚିଛି। ଜିଲାରେ ୩୦ ସକ୍ରିୟ ସଂକ୍ରମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଇଂଲିଶ ପୁସ୍ତକ ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୧୨।୧୧:** ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ରମେନ୍ଦ୍ର କୁମାରଙ୍କ ଲିଖିତ ଇଂଲିଶ ପୁସ୍ତକ 'କ୍ରନିକିଲ୍ସ ଅଫ୍ ଏ କର୍ପୋରେଟ୍ ଏକଜିକ୍ୟୁଟିଭ୍' ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ 'ବିଭିନ୍ନ ପ୍ରକାର ଲିଖନ ଶୈଳୀର ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଭାବେ ଯୋଗଦେଇ ଲେଖକ ରମେନ୍ଦ୍ର କୁମାର କହିଲେ, କାହାଣୀ କହିବା ବା ଲେଖିବା ଏକ କଳା। ସାମ୍ବାଦିକତାର ଯେ କୌଣସି ବିଭବ ହେଉ କି ସାହିତ୍ୟ ଲେଖା, ସବୁଥିରେ କାହାଣୀ କହିବାର କଳା ହିଁ ଗୁରୁତ୍ୱପୂର୍ଣ୍ଣ। ଏହା ଲେଖାକୁ ପ୍ରଭାବଶାଳୀ କରିଥାଏ। ଅନ୍ୟତମ ବକ୍ତା ଆଇଆଇଏମ୍‌ସି କୋଟାୟାମ ଶାଖାର ଆଞ୍ଚଳିକ ନିର୍ଦ୍ଦେଶକ ଅନିଲ କୁମାର ବଡାବାଥୁର କହିଲେ, ଜଟିଳ ବିଷୟକୁ ସରଳ ଭାବେ ଉପସ୍ଥାପନ କରିବା ଆଜିର ସମୟରେ ସବୁଠୁ ବଡ଼ ଆହ୍ୱାନ। ଆଇଆଇଏମ୍‌ସି ଢେଙ୍କାନାଳ ଶାଖା ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ବିଜ୍ଞାପନ ବା ଲୋକସମ୍ପର୍କ କ୍ଷେତ୍ରରେ ଲେଖାର ଶୈଳୀ ଭିନ୍ନଥାଏ। ତେଣୁ ଲେଖକ ନିଜର ପାଠକବର୍ଗଙ୍କ କଥା ଚିନ୍ତା କରିବା ଉଚିତ। ଅନ୍‌ଲାଇନ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର ସଂଯୋଜନା କରିଥିଲେ। ଆଇଆଇଏମ୍‌ସିର ବିଭିନ୍ନ ଶାଖାର ଛାତ୍ରୀଛାତ୍ର, ଅଧାପିକାଅଧାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମିଳିଲା ମଳପଙ୍କ ପରିଚାଳନାର ମୂଲ୍ୟ

- ଢେଙ୍କାନାଳ ପୌରପାଳିକାକୁ ଜାତୀୟ ପୁରସ୍କାର
- ଉପକୃତ ହେଉଛନ୍ତି ୯୫ ଗ୍ରାମର ବାସିନ୍ଦା


ପୁରସ୍କାର ସହିତ ପୌରପାଳିକାର ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ, ୧୨।୧୧**

ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧରେ ସମନ୍ୱୟ ରକ୍ଷା କରି ମଳପଙ୍କ ଏବଂ ସେପ୍‌ଟେଜ ପରିଚାଳନା କରିବାର ମୂଲ୍ୟ ମିଳିଛି। ଏଥିଲାଗି ଜାତୀୟସ୍ତରରେ ପୁରସ୍କୃତ ହୋଇଛି ଢେଙ୍କାନାଳ ପୌରପାଳିକା। ପୌରସଂସ୍ଥାକୁ ଆଇଏସ୍‌ସି-ଏଫ୍‌ଆଇସିସିଆଇ ସାନିଟେଶନ ଆୱାର୍ଡ-୨୦୨୧ରେ ସମ୍ମାନିତ କରାଯାଇଛି। ପରିମଳ ପରିଚାଳନାରେ ଦୃଷ୍ଟାନ୍ତ ସୃଷ୍ଟି କରିଥିବା ଢେଙ୍କାନାଳ ମ୍ୟୁନିସିପାଲିଟିର ଏଭଳି କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ନଗର ଉନ୍ନୟନ ବିଭାଗ ଟୁଇଟ୍ କରି ଉଚ୍ଚ ପ୍ରଶଂସା କରିଛନ୍ତି।

ପୌରାଞ୍ଚଳ ସମେତ ଉପକଣ୍ଠ ଗ୍ରାମର ମଳପଙ୍କ ପରିଚାଳନା କରିବା ଲାଗି ବାଞ୍ଛାକୁସୁମଠାରେ ୨୦୧୮ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଫିକିଲ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ। ବିଲ୍ ଆଣ୍ଡ୍ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ, ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗର ସହଭାଗିତା ଏବଂ ପ୍ରୋଜେକ୍ଟ ନିର୍ମଳ ଓ ପୌରପାଳିକାର ମିଳିତ ତତ୍ତ୍ୱାବଧାନରେ ଏଥିରେ ଖର୍ଚ୍ଚ ହୋଇଛି ୩ କୋଟି ଟଙ୍କା। ୨୦୧୬ରୁ ଉକ୍ତ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୨୦୧୮ରେ ନେଇଛି ପୂର୍ଣ୍ଣାଙ୍ଗ ରୂପ। ସହର ମଧରୁ ବାହାରୁଥିବା ମଳପଙ୍କ ପରିଚାଳନା କରି ପରିବେଶକୁ ସୁରକ୍ଷିତ ରଖିବା ଏହି ପ୍ଲାଣ୍ଟର ମୁଖ୍ୟ ଉଦ୍ଦେଶ୍ୟ। ପ୍ରାୟ ଦେଢ଼ବର୍ଷ ହେଲା ମିଶନ ଶକ୍ତି ମହିଳାମାନେ ଏହାର ତଦାରଖ କରି ଆସୁଛନ୍ତି। ସହର ସମେତ ଆଖପାଖ ୯୫ ଗ୍ରାମର ମଳପଙ୍କ ଏଠାରେ ପରିଚାଳନା କରାଯାଉଛି।

ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ପ୍ରମୁଖ ଶାସନ ସଚିବ, ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ପୌର ପ୍ରଶାସକ, ଜିଲାପାଳ, ପିଡି ଡିଆର୍‌ଡିଏ, ପିଡି ଡୁଡା ପ୍ରମୁଖଙ୍କ ବଳିଷ୍ଠ ଦିଗଦର୍ଶନ, ପୌର ପାଳିକାର ସମସ୍ତ କର୍ମଚାରୀ ତଥା ମିଶନଶକ୍ତି ମହିଳାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଏହା ସମ୍ଭବପର ହୋଇପାରିଛି। ଏହି ସଫଳତା ପଛରେ ପୂର୍ବତନ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଭୂମେଶ ଚନ୍ଦ୍ର ବେହେରା, ପୂର୍ବତନ ପିଡି ଡିଆରଡିଏ ନରୋତ୍ତମ ବେହେରାଙ୍କ ବିଶେଷ ଅବଦାନ ରହିଛି।

## 'ଦାରିଦ୍ର୍ୟ ପ୍ରତିଭା ବିକାଶର ଅନ୍ତରାୟ ନୁହେଁ'


ସମ୍ମାନିତ ହୋଇଥିବା ଶ୍ରେଷ୍ଠ ସ୍ନାତକ ଛାତ୍ରୀଛାତ୍ରମାନେ।

**ସାତମାଇଲ, ୧୨।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ଓପିଏସ୍ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ୩ ପ୍ରଥମ ବର୍ଷ ଓଡ଼ିଆ ସମ୍ମାନ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ୫ ଶ୍ରେଷ୍ଠ ଓଡ଼ିଆ ସ୍ନାତକ ସୁପ୍ରିୟା ପରିଡ଼ା, ଇପ୍‌ସିତା ସାହୁ, ଇପ୍‌ସିତା ସାମଲ, ଦେବସ୍ମିତା ସାହୁ, ସିପୁନ ଭୂତିଆଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ଶମ୍ଭୁ ପ୍ରସାଦ ପ୍ରଧାନ ଯୋଗଦେଇ ଦାରିଦ୍ର୍ୟ ଓ ପ୍ରତିବନ୍ଧକ ପ୍ରତିଭା ବିକାଶରେ ଅନ୍ତରାୟ ନୁହେଁ ବୋଲି କହିଥିଲେ। ମୁଖ୍ୟବକ୍ତା ସଂସ୍କୃତ ବିଭାଗ ପ୍ରାଧ୍ୟାପକ ଡ. ତପନ କୁମାର ପଣ୍ଡା କହିଲେ, ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶୃଙ୍ଖଳାବୋଧ, ନିୟମାନୁବର୍ତ୍ତୀ ହୋଇ ଆଗେଇ ପାରିଲେ ଲକ୍ଷ୍ୟ ପଥରେ ପହଞ୍ଚି ହେବ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ଦେବାନନ୍ଦ ଦାସ, ଅଧ୍ୟାପିକା ସ୍ମୃତିକଳା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଯୁକ୍ତ୩ ତୃତୀୟ ବର୍ଷ ଛାତ୍ରୀ ସୁଭଦ୍ରା ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପାଠଚକ୍ର ଅଧିକାରୀ ଡ. ଦେବାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପର୍ଯ୍ୟବେକ୍ଷକଙ୍କୁ ଭେଟିଲେ ଅସନ୍ତୁଷ୍ଟ କର୍ମୀ

**ଆଠମଲ୍ଲିକ,୧୨।୧୧(ଡି.ଏନ.ଏ.)**

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ୫୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଗୁରୁବାର ଦଳୀୟ ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନଙ୍କୁ ଭେଟି ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଛନ୍ତି। କର୍ମୀମାନେ କହିଛନ୍ତି, ସେମାନେ ପୂର୍ବତନ ବିଧାୟକ ସଞ୍ଜୀବ ସାହୁଙ୍କ ସହ କାର୍ଯ୍ୟ କରୁଥିଲେ। କିନ୍ତୁ ସାହୁ ଗତ ୪ ତାରିଖରେ ବିଜେଡି ଛାଡ଼ିବା ପରେ ବର୍ତ୍ତମାନର ବିଧାୟକ ରମେଶ ଚନ୍ଦ୍ର ସାଏ ସେମାନଙ୍କୁ ଅଣଦେଖା କରୁଛନ୍ତି। ତେଣୁ ପୂର୍ବତନ ଏନ୍‌ଏସି ସଭାପତି କବିନ୍ଦ୍ର ଦାସଙ୍କ ନେତୃତ୍ୱରେ ସେମାନେ ଅଭିଯୋଗ ନେଇ ଆସିଥିବା ପର୍ଯ୍ୟବେକ୍ଷକ ପ୍ରଧାନଙ୍କୁ ଜଣାଇଥିଲେ। ସେମାନଙ୍କ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ପର୍ଯ୍ୟବେକ୍ଷକ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ତେବେ କର୍ମୀମାନଙ୍କ ଅଭିଯୋଗ ସମ୍ପର୍କରେ ବିଧାୟକ ସାଏ କହିଛନ୍ତି, କୌଣସି କର୍ମୀଙ୍କୁ ଅଣଦେଖା କରିନାହିଁ। ସମସ୍ତଙ୍କୁ ସାଙ୍ଗରେ ନେଇ ଦଳକୁ ଆଗକୁ ନେବାର ପ୍ରୟାସ ଜାରି ରଖିଛି। ଅଭିମାନ କରିଥିବା କର୍ମୀମାନେ ଆଲୋଚନା କଲେ ସେମାନଙ୍କ ଦ୍ୱନ୍ଦ ଦୂର ହୋଇପାରିବ।


ଅଭିଯୋଗ ନେଇ ଆସିଥିବା ବିଜେଡି କର୍ମୀମାନେ।

# ୬ ଘଣ୍ଟିଆ ହରତାଳ ଶାନ୍ତିପୂର୍ଣ୍ଣ



ଢେଙ୍କାନାଳ ସହରରେ ହରତାଳରେ ସାମିଲ ହୋଇଥିବା କଂଗ୍ରେସ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ/କାମାକ୍ଷାନଗର/ହିନ୍ଦୋଳ(ଡି.ଏନ୍.ଏ.), ୧୨।୧୧**

ମମିତା ମେହେର ହତ୍ୟାକାଣ୍ଡର ଉଚିତ ତଦନ୍ତ, ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଶାନ୍ତିପୂର୍ଣ୍ଣ ଭାବେ ୬ଘଣ୍ଟିଆ ହରତାଳ ପାଳିତ ହୋଇଯାଇଛି। ପୂର୍ବାହ୍ନ ୮ଟାରେ କଂଗ୍ରେସ ନେତୃବୃନ୍ଦ ବାଜିଚୌକ୍‌ଠାରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜିଲା କାର୍ଯ୍ୟାଳୟରେ ପହଞ୍ଚି ସ୍ଲୋଗାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ମହିଳା କଂଗ୍ରେସ ସଭାନେତ୍ରୀ ମମତାଞ୍ଜଳି ବେହେରା, ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାଶ, ବରିଷ୍ଠ ନେତା ସୁବାସିନୀ ମହାକୁଡ, ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ଗୋପାଳଚନ୍ଦ୍ର ସାହୁ, ନିର୍ମଳ ମିଶ୍ର, ପ୍ରକାଶ କୁଅଁର, ହୃଦୟାନନ୍ଦ ମହାନ୍ତି, ହାଇଦର ମହମ୍ମଦ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

କାମାକ୍ଷାନଗରରେ ଏନ୍‌ଏସି ସଭାପତି ସନ୍ତୋଷ ମହାରଣାଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଭୁଦତ୍ତ ଭଞ୍ଜ, ବ୍ଲକ ସଭାପତି ଶରତ ପଟ୍ଟନାୟକ, ଜିଲା କୃଷକ ସେଲ୍ ସଭାପତି ବିପ୍ରବର ସାହୁ, ଦୁଃଶାସନ ସାହୁ, ରମାକାନ୍ତ ସାହୁ, ସଞ୍ଜୀବ ବେହେରା, ବାବୁଲି ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ହିନ୍ଦୋଳରେ ତ୍ରିନାଥ ବେହେରାଙ୍କ ନେତୃତ୍ୱରେ ହରତାଳ ପାଳନ କରାଯାଇଥିଲା। ତେବେ ସାଧାରଣ ଜୀବନଯାତ୍ରା ଉପରେ ଏହାର ପ୍ରଭାବ ପଡ଼ି ନ ଥିଲା।

## ପିଡିଏସ୍ ସାମଗ୍ରୀ ହେର୍‌ଫେର: ପୂର୍ବତନ ପଞ୍ଚାୟତ ସମ୍ପାଦକ ଦଣ୍ଡିତ

**ଢେଙ୍କାନାଳ ଅଫିସ, ୧୨।୧୧**

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଚାଉଳ ହେରଫେର କରିଥିବା ଅଭିଯୋଗରେ କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତର ପୂର୍ବତନ ସମ୍ପାଦକ ଅନ୍ତର୍ଯ୍ୟାମୀ ବରାଳଙ୍କୁ ଗୁରୁବାର ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ କରାଯାଇଛି। କଟକ ଭିଜିଲାନ୍ସ କେସ୍ ନଂ.୨୩, ୨୮।୬।୨୦୦୬ର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅଭିଯୁକ୍ତ ଅନ୍ତର୍ଯ୍ୟାମୀଙ୍କୁ ୪୦୯ ଦଫାରେ ୨ବର୍ଷ ସଶ୍ରମ କାରାଦଣ୍ଡ, ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୩ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ୪୭୭ (ଏ) ଦଫାରେ ୨ବର୍ଷ କାରାଦଣ୍ଡାଦେଶ ଓ ୫ହଜାର ଟଙ୍କା ଜରିମାନା, ଅନାଦାୟ ୩ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ଦଫା ୧୩ (୨), ୧୩ (୧)(ସି) ପ୍ରିଭେନ୍‌ଶନ ଅଫ୍ କରପ୍ସନ ଆକ୍ଟ-୧୯୮୮ରେ ୧ ବର୍ଷ କାରାଦଣ୍ଡ, ୩ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ୨ ମାସ ଜେଲ୍, ଦଫା ୧୩ (୨), ୧୩ (୧)(ଡି) ପ୍ରିଭେନଶନ ଅଫ୍ କରପ୍ସନ ଆକ୍ଟ-୧୯୮୮ରେ ୧ବର୍ଷ ସଶ୍ରମ କାରାଦଣ୍ଡ, ୩ ହଜାର ଟଙ୍କା ଜରିମାନା, ଅନାଦାୟ ୨ମାସ ଜେଲ୍ ଏବଂ ଦଫା ୭ ଇସି ଆକ୍ଟରେ ୬ମାସ କାରାଦଣ୍ଡ, ୧ ହଜାର ଟଙ୍କା ଜରିମାନା, ଅନାଦାୟ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଭିଜିଲାନ୍ସ) କେ.ସି. ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଗାନ୍ଧୀ ପାର୍କରେ ସତ୍ୟାଗ୍ରହ ସଫେଇ

**ଢେଙ୍କାନାଳ ଅଫିସ,୧୨।୧୧**

ଢେଙ୍କାନାଳ ବୁଦ୍ଧିଜୀବୀ ସଙ୍ଗଠନ ପକ୍ଷରୁ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ପାର୍କରେ ଶୁକ୍ରବାର ସତ୍ୟାଗ୍ରହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତାଙ୍କର ପ୍ରିୟ ଭଜନ ଗାନ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଏଭଳି ସଫେଇ କାର୍ଯ୍ୟକ୍ରମକୁ ମିଶନ ଭାବେ ଗ୍ରହଣ କରାଯାଇଛି। ବାପୁଙ୍କ ଆଦର୍ଶ ଆଧାରରେ ସଦସ୍ୟମାନେ ସଂସ୍କାରମୂଳକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି ଅବସରରେ ସଙ୍ଗଠନର ସଦସ୍ୟମାନେ ବସ୍‌ଷ୍ଟାଣ୍ଡରେ ଥିବା ପରିସ୍ରାଗାର ଓ ଶୌଚାଳୟ ସମସ୍ୟା ଅନୁଧ୍ୟାନ କରିଥିଲେ। ଶୌଚାଳୟରେ ଯାତ୍ରୀଙ୍କ ପିଛା ୧୦ରୁ ୧୫ ଟଙ୍କା ଆଦାୟ କରାଯାଉଥିବାବେଳେ ଏହାର ରକ୍ଷଣାବେକ୍ଷଣ ହେଉନାହିଁ। ଫଳରେ ଶୌଚାଳୟ ଶୋଚନୀୟ ହୋଇପଡ଼ିଛି। ଏହା ସ୍ୱଚ୍ଛଭାରତ ଅଭିଯାନ ପ୍ରତି ଉପହାସ ବୋଲି ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି।

## ପ୍ରତିଭା ପ୍ରଦର୍ଶନ କଲେ ୬୦ ପ୍ରତିଯୋଗୀ

**ଭୁବନ, ୧୨।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବିଆର୍‌ସିସିଙ୍କ କାର୍ଯ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୧୭ କ୍ଲଷ୍ଟରର ୬୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରବନ୍ଧରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅନ୍ୱେଷା ମହାନ୍ତି, ବକ୍ତୃତାରେ ପଞ୍ଚାୟତିରାଜ ହାଇସ୍କୁଲର ଅବିନାଶ ଜେନା, ଦେଶାତ୍ମବୋଧକ ସଙ୍ଗୀତରେ ନୂଆ ଭୁବନ ନୋଡାଲ ହାଇସ୍କୁଲର ଶ୍ରଦ୍ଧାଞ୍ଜଳି ସାଥୁଆମହାପାତ୍ର, ଚିତ୍ରାଙ୍କନରେ ଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚନ୍ଦନ ମଲିକ, ସାମୂହିକ ନୃତ୍ୟରେ ମୃଦଙ୍ଗା ହାଇସ୍କୁଲର ଛାତ୍ରୀଛାତ୍ରମାନେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ୧୪ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଇଓ ପ୍ରତାପ ଶତପଥୀ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ବିଆର୍‌ସିସି ରାଜଲକ୍ଷ୍ମୀ ଟୁଡୁ, ଏବିଇଓ ପୁଷ୍ପାଞ୍ଜଳି ମିଶ୍ର, ସୁମତୀ ପ୍ରଧାନ, ଶିକ୍ଷକ ସତ୍ୟବାଦୀ ସେନାପତି, ସିଆରସିସି ଶତ୍ରୁଘ୍ନ ପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲାସ୍ତରରେ ଭଲ ପ୍ରଦର୍ଶନ କରିବାକୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ପୀତବାସ ଦାସ ହତ୍ୟାକାଣ୍ଡ: ୨ ଗିରଫ

**ଢେଙ୍କାନାଳ ଅଫିସ, ୧୨।୧୧**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବୋରାପଦା ଗ୍ରାମର ପୀତବାସ ଦାସ (୪୮) ହତ୍ୟାକାଣ୍ଡ ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ପୀତବାସଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଶୁକ୍ରବାର ପୋଲିସ ବୋରାପଦା ଗ୍ରାମର ଶ୍ରୀକାନ୍ତ ଦେହୁରୀ ଓରଫ୍ ଛୋଟଚନ୍ଦା (୨୩) ଏବଂ ଲକ୍ଷ୍ମୀବଜାରର ପ୍ରଦ୍ୟୁତ ବେହେରା ଓରଫ୍ କାଳିଆ ଓରଫ୍ ପିଣ୍ଟୁ (୪୦)ଙ୍କୁ ଗିରଫ କରିଛି। ଅଟକ ଥିବା ଅନ୍ୟ ୩ ଜଣଙ୍କୁ ପଚରାଉଚୁରା କରାଯାଉଛି। ଏ ସଂକ୍ରାନ୍ତରେ ନଂ. ୫୮୦/୨୧, ଦଫା ୩୪୧, ୩୨୩, ୩୬୪, ୩୬୫, ୨୦୧, ୩୦୨ ଓ ୩୪ରେ ମାମଲା ରୁଜୁ ହୋଇଛି। ଟ୍ରାକ୍ଟରରେ ବାଲି, ଇଟା ଏବଂ ଅନ୍ୟ ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ପୀତବାସ ନିଖୋଜ ହେବାର ୩ଦିନ ପରେ ଗତ ରବିବାର ଗ୍ରାମ ନିକଟ ଆମ୍ବତୋଟାରେ ଥିବା ଏକ ପରିତ୍ୟକ୍ତ କୂଅରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା। ନିର୍ମାଣ ସାମଗ୍ରୀ ପରିବହନକୁ ନେଇ ଅଭିଯୁକ୍ତଙ୍କ ସହ ତାଙ୍କର ଶତ୍ରୁତା ଥିଲା। ଏହା ହିଁ ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି ପୋଲିସ କହିଛି।

# କପିଳାସ ମହୋତ୍ସବ ଉଦ୍‌ଘାଟିତ


ପର୍ବତାରୋହଣରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୨।୧୧**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ମାଇକ୍ରୋମିଡିଆ ଆୱାରନେସ୍‌ର ୧୯ତମ ବାର୍ଷିକ ଉତ୍ସବ ତଥା ତୃତୀୟ କପିଳାସ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କପିଳାସ ପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଏମ୍‌ପି ମହେଶ ସାହୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା।

### କଳ୍ପନାଙ୍କ ସ୍ମୃତିରେ ପର୍ବତାରୋହଣ

ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ସ୍ମୃତିରେ ଅନୁଷ୍ଠାନର ସଦସ୍ୟ ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାହାଡ଼ ଉପରେ ଥିବା ଦେବସଭା ଯାଏ ପର୍ବତାରୋହଣ କରିଥିଲେ।

ଅତିଥି ଭାବେ ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ଳ ସ୍ୱାଇଁ, ବିଡିଓ ଆଶିଷ ରଞ୍ଜନ ସାହୁ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ମାଇକ୍ରୋମିଡିଆ ସମ୍ପାଦକ ପରେଶ ପଟ୍ଟନାୟକ, ସାମାଜିକ କର୍ମୀ ସୁକାନ୍ତ ମିଶ୍ର, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଅଭିନେତା ଅରବିନ୍ଦ ସାହୁ, ହାସ୍ୟକବି ଶତ୍ରୁଘ୍ନ ମାଟି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅଥୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କପିଳାସ ମହୋତ୍ସବ ଉପଲକ୍ଷେ ଗୋପବନ୍ଧୁ ଟାଉନହଲ୍‌ରେ ଶନିବାର ରକ୍ତଦାନ ଶିବିର ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪ ତାରିଖରେ ଏହାର କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ରହିଛି।

## ତ୍ରୁଟିଶୂନ୍ୟ ଭୋଟର ତାଲିକା ଉପରେ ଗୁରୁତ୍ୱ

**କାମାକ୍ଷାନଗର, ୧୨।୧୧(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ସଭାଗୃହ ପରିସରରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଅଧକ୍ଷତାରେ ଭୋଟର ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଉପଜିଲାପାଳ ଗୁରୁତ୍ୱାରୋପ କରିଥିବାବେଳେ ସମସ୍ତ ଯୋଗ୍ୟ ନାଗରିକଙ୍କୁ ତାଲିକାଭୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି। ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନରେ ଆଶାୟୀ ହିତାଧିକାରୀ ଆବଶ୍ୟକ ସଂଶୋଧନ କରିପାରିବେ ବୋଲି ସୂଚନା ଦିଆଯାଇଛି। ଉପଖଣ୍ଡ ଅଧୀନ ସମସ୍ତ କଲେଜର ଅଧକ୍ଷା, ଅଧକ୍ଷ ଉପସ୍ଥିତ ଥିଲେ। ପ୍ରତି କଲେଜରେ ଦିନେ ଲେଖାଏ ସ୍ୱତନ୍ତ୍ର କ୍ୟାମ୍ପ କରାଯିବ। ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଭୋଟର ତାଲିକାଭୁକ୍ତ କରିବା ନେଇ କଲେଜ କର୍ତ୍ତୃପକ୍ଷ ସଚେତନ କରାଇବେ ବୋଲି ଉପଜିଲାପାଳ ପରାମର୍ଶ ଦେଇଛନ୍ତି। ବିଡିଓ ବିକାଶ କୁମାର ମହାନ୍ତି, ସିଡିପିଓ ସୈରେନ୍ଦ୍ରୀ ପଟେଲ, କଙ୍କଡାହାଡ ବିଡିଓ ବୁଲବୁଲ୍ ବେହେରା, ଭୁବନ ବିଡିଓ ଆଶୀର୍ବାଦ ପରିଡ଼ା, ପରଜଙ୍ଗ ତହସିଲଦାର ଖଗେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଆଲୋଚନାଚକ୍ରରେ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

